ଚର୍ଚ୍ଚାରେ ପୁରୁଣାକଟକ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ

# କଲେଜ ଅଧ୍ୟକ୍ଷ, ଡାଟା ଏଣ୍ଟ୍ରି ଅପରେଟରଙ୍କୁ ନୋଟିସ୍

- ୭୦ ଟଙ୍କା ଜାଗାରେ ୫୦୦ ଟଙ୍କା ଲେଖାଏଁ ଆଦାୟ ହୋଇଥିଲା
- ୨୦୨୩ରେ ରାସ୍ତାକୁ ଓହ୍ଲାଇଥିଲେ +୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀ

**ହରଭଙ୍ଗା, ୧୧।୧(ସମିସ):**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟରେ ଏନରୋଲ ମେଣ୍ଟ ଫି ଅଧିକ ନେବା ପ୍ରସଙ୍ଗରେ ଉପଜିଲ୍ଲାପାଳଙ୍କ ତଦନ୍ତର ବର୍ଷେ ବିତିଯାଇଛି। ଏଯାଏଁ ସମ୍ପୃକ୍ତ ଡାଟା ଏଣ୍ଟ୍ରି ଅପରେଟରଙ୍କ ନାମରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ତେବେ ଏ ନେଇ ଜାଣିବା ପରେ ବୌଦ୍ଧ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସମ୍ପୃକ୍ତ କଲେଜର ଡାଟା ଏଣ୍ଟ୍ରି ଅପରେଟର ଧୀରେନ ପ୍ରଧାନ ଓ ଅଧକ୍ଷ ରମେଶ ଚନ୍ଦ୍ର ତାରିଣିଆଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଏପରିକି ତିନି ଦିନ ମଧ୍ୟରେ ଉତ୍ତର ରଖିବାକୁ ଚିଠି ହୋଇଛି। ସନ୍ତୋଷ ଜନକ ଉତ୍ତର ନ ମିଳିଲେ ଦୋଷୀ ଉପରେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପ ଜିଲ୍ଲାପାଳ ପ୍ରଭାସ ଦଣ୍ଡସେନା କହିଛନ୍ତି। ୨୦୨୩ ସେପ୍ଟେମ୍ବର ୨୯ରେ କଲେଜ୍‌ର ଡାଟା ଏଣ୍ଟ୍ରି ଅପରେଟର +୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କଠାରୁ ଏନରୋଲ ମେଣ୍ଟ ଫି ବାବଦକୁ ୫୦୦ ଟଙ୍କା ଲେଖାଏଁ ଆଦାୟ ହୋଇଥିଲା; ଯାହାର ପ୍ରକୃତ ଫି' କେବଳ ୭୦ ଟଙ୍କା ଥିଲା। ଏହାକୁ ନେଇ ଛାତ୍ରଛାତ୍ରୀ ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ୫୭ଜାତୀୟ ରାଜପଥ ଅବରୋଧ ମଧ୍ୟ କରିଥିଲେ। ତତ୍କାଳୀନ ଉପଜିଲ୍ଲାପାଳ ମହାବିଦ୍ୟାଳୟକୁ ଆସି ତଦନ୍ତ କରିବା ସହିତ ସମ୍ପୃକ୍ତ ଡାଟା ଏଣ୍ଟ୍ରି ଅପରେଟରଙ୍କୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରିଥିଲେ। ପରେ ଏହାର ଉତ୍ତର ମଧ୍ୟ ସମ୍ପୃକ୍ତ ଡାଟା ଏଣ୍ଟ୍ରି ଅପରେଟର ଉପଜିଲ୍ଲାପାଳଙ୍କୁ ଦାଖଲ କରିଥିଲେ; କିନ୍ତୁ ଉତ୍ତରରେ ଉପଜିଲ୍ଲାପାଳ ସନ୍ତୁଷ୍ଟ ନ ଥିବା ଗଣମାଧ୍ୟମକୁ ସୂଚନା ଦେବା ସହିତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ସୁପାରିଶ କରିଥିବା କହିଥିଲେ। ତେବେ ବର୍ଷେ ବିତି ଯାଇଥିଲେ ମଧ୍ୟ ତଦନ୍ତ ଫାଇଲ ଚାପି ହୋଇଯାଇଥିଲା। ଏବେ ଉଭୟ ଡାଟା ଏଣ୍ଟ୍ରି ଅପେରଟର ଓ ମହାବିଦ୍ୟାଳୟର ଅଧ୍ୟକ୍ଷ କାରଣ ଦର୍ଶାଅ ଉତ୍ତର ରଖିବା ପରେ ତଦନ୍ତ କେଉଁ ଆଡ଼କୁ ଯାଉଛି ତାହା ଦେଖିବାକୁ ରହିଲା।

- ଚାଉଳ ସଂଗ୍ରହ କରିପାରିବେନି ୨୬ ମିଲର୍ସ

## ପୁଣି ଧାନକିଣା ନେଇ ଅନିଶ୍ଚିତ

**ଭବାନୀପାଟଣା, ୧୧।୧(ସମିସ):** କଳାହାଣ୍ଡି ଜିଲ୍ଲାରେ ଧାନକିଣା ଅବ୍ୟବସ୍ଥା ପ୍ରଥମରୁ ଦେଖାଦେଇଛି। ଅନ୍ୟପଟେ ବର୍ତ୍ତମାନ ୧୦୦ ପ୍ରତିଶତ ଚାଉଳ ଦେଇଥିଲେ ବି ଗତ ଧାନ କ୍ରୟ ଓ ଚାଉଳ ସଂଗ୍ରହ ବର୍ଷରେ ଧାନ କମ୍ ଥିବା ୨୬ଟି ମିଲରସକୁ ଚାଉଳ ସଂଗ୍ରହ କରି ପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେବା ଫଳରେ ପୁଣି ଧାନ କିଣା ନେଇ ଅନିଶ୍ଚିତତା ଦେଖାଗଲାଣି। ଏହି ନିର୍ଦ୍ଦେଶ ପରେ ଜିଲ୍ଲାର ୨୬ଟି ମିଲର୍ସ ହରଡ଼ଘଣାରେ ପଡ଼ିଛନ୍ତି। ଏହି ନିର୍ଦ୍ଦେଶ ବାତିଲ ନ ହେଲେ ସୋମବାରଠାରୁ ଆଉ ଧାନ କିଣାରେ ମିଲର୍ସ ସହଯୋଗ କରିବେ ନାହିଁ କି ଧାନ ଉଠାଇବେ ନାହିଁ ବୋଲି ରୋକ ଠୋକ ମନା କରିଦେଇଛନ୍ତି। ଏହା ଫଳରେ ପୁଣି ପ୍ରଶାସନିକ ନିଷ୍ପତ୍ତିରେ ଦ୍ୱନ୍ଦ୍ୱ ଯୋଗୁଁ ଚାଷୀ ଅସୁବିଧାରେ ପଡ଼ିବା ଦେଖାଗଲାଣି। ମିଲର୍ସ ସଂଘ କହିଛି ଯେତେବେଳେ ଆମେ ୧୦୦ ପ୍ରତିଶତ ଚାଉଳ ଦେଇ ସାରିଲୁଣି ସେଠି କାହିଁକି ଆମର ୨୬ଟି ମିଲର୍ସଙ୍କୁ ଚାଉଳ ସଂଗ୍ରହରୁ ବାଦ ଦିଆ ହୋଇଛି? ଧାନ ଉଠାଇବା ପାଇଁ ହଁ ଏବଂ ଚାଉଳ ସଂଗ୍ରହ ପାଇଁ ନା? ଏହା ଏକ ବିଚିତ୍ର ନୀତି ବୋଲି ଏମାନେ କହିଛନ୍ତି। ବର୍ଷା ପାଇଁ ଧାନ ମାନ ଖରାପ ସତ୍ତ୍ୱେ ମିଲର୍ସ ସରକାରଙ୍କୁ ସହଯୋଗ କରି ଆସୁଛନ୍ତି; କିନ୍ତୁ ସରକାରଙ୍କ ଅଧା ଧାନ କିଣା ଓ ଚାଉଳ ସଂଗ୍ରହ ବେଳେ ଏହି ନିର୍ଦ୍ଦେଶ ଚାଷୀଙ୍କୁ ହଇରାଣରେ ପକାଇବ ବୋଲି କହିଛନ୍ତି। ଏହି ନିର୍ଦ୍ଦେଶ ଆସିବା ପରେ ସେମାନେ ଜିଲ୍ଲା ପ୍ରଶାସନ ଜରିଆରେ ସରକାରଙ୍କୁ ଜଣାଇଲେଣି; ହେଲେ କିଛି ପଦକ୍ଷେପ ହୋଇନାହିଁ। ଯେଉଁମାନେ ଧାନ ତନଖି ପାଇଁ ଆସିଥିଲେ ସେମାନେ ଗୋଟି ଗୋଟି କରି ଧାନ ବସ୍ତା ନ ଗଣି ଆଖିରେ କମ୍ ଦେଖାଇଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଏମାନେ ଅଭିଯୋଗ କରିଛନ୍ତି। ଭାରତ ସରକାରଙ୍କ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ପ୍ରିନ୍ସପାଲ ସଚିବ ଜାନୁଆରୀ ୨ରେ ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ତନଖିରେ ଧାନ କମ୍ ବାହାରିଥିବା ମିରର୍ସଙ୍କୁ ଚାଉଳ ସଂଗ୍ରହ କରି ପାରିବେ ନାହିଁ ବୋଲି ରୋକ ଠୋକ ମନା କରିଛନ୍ତି। ରାଜ୍ୟ ଯୋଗାଣ ସଚିବ ଏବଂ ଭାରତୀୟ ଖାଦ୍ୟ ନିଗମକୁ ଏହି ନିର୍ଦ୍ଦେଶ ମିଳିଛି। ଏହି ଚିଠି ପାଇବା ପରେ ରାଜ୍ୟ ସରକାର ବି କଳାହାଣ୍ଡିର ୨୬ଟି ମିଲର୍ସ ଚାଉଳ ସଂଗ୍ରହରେ ଅଂଶ ଗ୍ରହଣ କରି ପାରିବେ ନାହିଁ ବୋଲି କହିଛନ୍ତି। ତନଖିରେ ପ୍ରାୟ ୪୬୨ କୁଇଣ୍ଟାଲ ଧାନ ୨୬ଟି ମିଲର୍ସରେ କମ୍ ଥିବା ରିପୋର୍ଟରେ ଦର୍ଶାଯାଇଛି। ତେବେ ଆଶ୍ଚର୍ଯ୍ୟ କଥା ଯଦି ଧାନ କମ୍ ଥିଲା ତାହା ହେଲେ ସେହି ମିଲର୍ସ କିପରି ଚାଉଳ ୧୦୦ ପ୍ରତିଶତ କିପରି ଦେଲେ? ପୁଣି ଧାନ ତନଖି ରିପୋର୍ଟରେ ଅଧିକ ଧାନ ଥିବା ବି ଦର୍ଶାଇଛନ୍ତି। ଏହି ଅଧିକ ଧାନ କେଉଁଠୁ ଆସିଲା ବୋଲି ପ୍ରଶ୍ନ ଉଠିଛି। ଏହି ରିପୋର୍ଟର ତାଳ ମେଳ ଖାଉ ନ ଥିବାରୁ ତନଖି ଠିକ ଭାବରେ ହୋଇଛି କି ନାହିଁ ତାହା ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଏହି ବିବାଦ ପାଇଁ ଚାଷୀ କାହିଁକି ହଇରାଣ ହେବ ବୋଲି ପ୍ରଶ୍ନ ଉଠିଛି। କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ଚିଠି ପରେ ସାରା ରାଜ୍ୟରେ ୧୪୪ଟି ମିଲର୍ସ ଚାଉଳ ସଂଗ୍ରହରେ ଅଂଶ ଗ୍ରହଣ କରିପାରିବେ ନାହିଁ। ଏଥି ମଧ୍ୟରେ କଳାହାଣ୍ଡିର୨୬, ବଲାଙ୍ଗୀର ୪, ସୋନପୁରର ୧୨, ଖୋର୍ଦ୍ଧାର ଗୋଟିଏ, ଗଞ୍ଜାମର ସର୍ବାଧିକ ୭୭ ଓ ରାୟଗଡ଼ାର ୨୪ଟି ମିଲର୍ସ ତାଲିକାରେ ରହିଛନ୍ତି; ହେଲେ ଏମାନଙ୍କ ମଧ୍ୟରୁ ୮୪ଟି ମିଲର୍ସ ୨୩-୨୪ବର୍ଷରେ ୧୦୦ ପ୍ରତିଶତ ଚାଉଳ ଦେଇ ସାରିଲେଣି।

## ଦଣ୍ଡପାଟ ଅଞ୍ଚଳକୁ ବ୍ଲକ୍ ଦାବି ନେଇ ବିଧାୟକଙ୍କୁ ଦାବିପତ୍ର



**ଧର୍ମଗଡ଼, ୧୧।୧(ସମିସ):** କଳାହାଣ୍ଡି ଜିଲ୍ଲା ଦଣ୍ଡପାଟ ଅଞ୍ଚଳକୁ ବ୍ଲକ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦଣ୍ଡପାଟ ଅଞ୍ଚଳର ୧୧ଟି ପଞ୍ଚାୟତର ପ୍ରତିନିଧି, ବୁଦ୍ଧିଜୀବୀ ଓ ସାଧାରଣ ଜନତାଙ୍କ ଉପସ୍ଥିତିରେ ବିଧାୟକଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। କ୍ରିୟାନୁଷ୍ଠାନ କମିଟିର ଆବାହକ ଭବେଶ ଗଏନ୍ତା, ସଭାପତି ଘନଶ୍ୟାମ ପଟେଲ, କାର୍ଯ୍ୟକାରୀ ସଭାପତି ଦିଗାମ୍ବର ଦୁରିଆ, ସମ୍ପାଦକ ପ୍ରଶାନ୍ତ ତିୱାରୀ, ସହ ସମ୍ପାଦକ ଅକ୍ଷୟ ନାଏକ, କୋଷାଧ୍ୟକ୍ଷ ଲଳିତ ବାଣୁଆ, ସରପଞ୍ଚ ଗୌଲୋଚନ ଗୋପାଳ, ଜିଲ୍ଲାପରିଷଦ ସଦସ୍ୟ ହେମନ୍ତ ମାଝୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୁଝାରୀ, ପୂର୍ବତନ ଡିପିଇଓ ଧର୍ମାନନ୍ଦ ସେଠିଆ, ତରେଶ ବିଶି, ନିର୍ମଳ ଗୋପାଳ, ହିମାଞ୍ଚଳ ପୁଝାରୀ, ଭିକାରି ନିଆଲ, ଧର୍ମବ୍ରତ ପଣ୍ଡା, ଶୀଧେଶ୍ୱର ଭଏସଲଙ୍କ ସମେତ ଦଣ୍ଡପାଟ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ଥିଲେ।

## ଭଙ୍ଗାଦଦରା ଘରେ ବିତୁଛି ଜୀବନ



**କର୍ଲାମୁଣ୍ଡା, ୧୧।୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ବରୋପଦର ପଞ୍ଚାୟତ ତେଲିସରାବାହାଲି ବସ୍ତିପଡ଼ା ଗାଁର ଗୋଟିଏ ପରିବାରଭଙ୍ଗା ଦଦରା ଘରେ ରହୁଛନ୍ତି। ଅନିରୁଦ୍ଧ ଭୋଇ (୪୮) ଆଜି ପର୍ଯ୍ୟନ୍ତ ଆବାସ ଯୋଜନାରେ ଘର ନିର୍ମାଣ କରିବାକୁ ସରକାରୀ ସାହାଯ୍ୟ ପାଉ ନାହାନ୍ତି। ସେ ତାଙ୍କ ସ୍ତ୍ରୀ, ୮ ବର୍ଷର ପୁଅ ଏବଂ ୯ ବର୍ଷର ଝିଅକୁ ନେଇ ବଘରା ଭଙ୍ଗା ଦଦରା ଝାଟିମାଟି କୁଡିଆ ଘରେ ରହୁଛନ୍ତି। ୧୦ ବର୍ଷରୁ ଅଧିକ ହେବ ସେ ଆବାସ ଯୋଜନାରେ ଘର ଲାଗି ଆବେଦନ କରି କରି ଥକିଲେଣି। ଏ ପର୍ଯ୍ୟନ୍ତ ତାଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇ ନାହିଁ। ଆର୍ଥିକ ସମ୍ବଳ ଅଭାବରୁ ସେ ଘରଟିକୁ ମରାମତି କରିପାରୁ ନ ଥିବାରୁ ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। କିଛି ଦିନ ପୂର୍ବେ ପ୍ରବଳ ବର୍ଷା ଏବଂ ଲଘୁଚାପରେ ଗୋଟିଏ କାନ୍ଥ ଭୁଶୁଡ଼ି ପଡ଼ିଛି। ବିପଦ ସଂକୁଳ ଅବସ୍ଥାରେ ସେ ସପରିବାର ସେହି ଘରେ ରହୁଛନ୍ତି। ତେବେ ଏ ସମ୍ପର୍କରେ ବିଡ଼ିଓ ସିଦ୍ଧେଶ୍ୱର ମେହେରଙ୍କୁ ପଚାରିବାରୁ ନୂତନ ସର୍ଭେରେ ସାମିଲ କରି ଉଚିତ୍ ହିତାଧିକାରୀ ଚୟନ କରିବା ସହିତ ଆବାସଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି।

ପରଦସେନ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଉଲଭାକୁ ହରାଇ କୋଟ୍ରିବାହାଲ ଟିମ୍ ଚାମ୍ପିଅନ



**କୋମନା, ୧୧।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କୋଟ୍ରିବାହାଲ ଖେଳପଡ଼ିଆରେ ପରଦସେନ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୭ତମ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଆୟୋଜକ କୋଟ୍ରିବାହାଲ ଓ ଉଲଭା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଆୟୋଜକ କୋଟ୍ରିବାହାଲ ଟିମ୍ ଚାମ୍ପିଅନ ହୋଇଛି। ଅମ୍ପାୟର ଭାବେ ବିଜୁ ମହାନନ୍ଦ ଓ ସୁନାମ କୁମ୍ଭାର ଖେଳ ପରିଚାଳନା କରିଥିଲେ। ଦେବାନନ୍ଦ ବଘେଲ ଓ ମଦନ କୁମ୍ଭାର ଧାରାବିବରଣୀ ପ୍ରଦାନ କରିଥିଲେ। ହରି ଜାଲ ସ୍କୋରିଂ ଦାୟିତ୍ୱ ତୁଲାଇଥିବା ବେଳେ କୁନା କୁମ୍ଭାର ଅନଲାଇନ ସ୍କୋରିଂର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଭେଳା ସରପଞ୍ଚ ବିମଳ ଯୋଷୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବ ସମିତି ସଭ୍ୟ ପ୍ରତିନିଧି ତଥା ଆଇନଜୀବୀ ଦିଲୀପ କୁମାର ଭୋଇ, ଯୁବ ସାମ୍ବାଦିକ ନଟ ଆଡ଼ବଙ୍ଗ, ଶିକ୍ଷକ ବିଶିକେଶନ ବାଗ, ହିରାସିଂ ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଦଳକୁ ଟ୍ରଫି ସହ ନଗଦ ୧୪ ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୯ ହଜାର ଟଙ୍କା ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜକ କମିଟିର ହୃଦୟ କୁମ୍ଭାର, ଟୁକୁ ଯାଦବ, ହୃଦୟ ଚିନାଗୁନ, ଭୋଜରାଜ ଚିନାଗୁନ, ବିଶ୍ୱମ୍ଭର କୁମ୍ଭାର, ଦୟା ମହାନନ୍ଦ ଓ କ୍ଷମା ନାଗ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

ନବମ ଯୀଶୁଖ୍ରୀଷ୍ଟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ରୁଗୁଡ଼ିପାଲିକୁ ହରାଇ ସିଣ୍ଢୋଲ ଚାମ୍ପିଅନ

**ତରଭା, ୧୧।୧(ସମିସ):**



ତରଭା ବ୍ଲକ ଅଧୀନ ବାଲିଖମାର ପଞ୍ଚାୟତ କଳରାମୁହାଣ ଗ୍ରାମର ହାଇସ୍କୁଲ ଖେଳପଡ଼ିଆରେ ଯୀଶୁଖ୍ରୀଷ୍ଟ କ୍ରିକେଟ କ୍ଲବ ଆନୁକୂଲ୍ୟରେ ନବମ କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ରୁଗୁଡିପାଲିକୁ ହରାଇ ସିଣ୍ଢୋଲ ଟିମ୍ ଚାମ୍ପିଅନ ହୋଇଛି। ୧୬ଟି ଦଳକୁ ନେଇ ଅନୁଷ୍ଠିତ ପଞ୍ଚ ଦିବସୀୟ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲରେ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିବା ସିଣ୍ଢୋଲ ଟିମ୍ ୭ ଓଭରରେ ୭୬ ରନ କରିଥିଲେ। ଜବାବରେ ରୁଗୁଡ଼ିପାଲି ଟିମ୍ ନିର୍ଦ୍ଧାରିତ ଓଭରରେ କେବଳ ୬୭ ରନ କରି ପରାସ୍ତ ହୋଇଥିଲେ। ରୁଗୁଡ଼ିପାଲି ଦଳର ଅଲେଖ ନାଗ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ସିଣ୍ଢୋଲ ଟିମ୍‌ର ରାଜା ବାଘ ମ୍ୟାନ୍ ଅଫ ଦି ସିରିଜ୍ ଘୋଷିତ ହୋଇ ପୁରସ୍କୃତ ହୋଇଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ବ୍ଲକ ଚେୟାରମ୍ୟାନ ସରୋଜ କର୍ଷ ଓ ସମ୍ମାନିତ ଅତିଥି ଭାବରେ ବାଲିଖମାର ସମିତି ସଭ୍ୟ ମୁଜଲେମିନ ମହମ୍ମଦ, ସରପଞ୍ଚ ସୁଦାମ ଦୀପ, ଶିକ୍ଷକ ସାରଙ୍ଗ ପଧାନ, ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିଜ୍ଞାନ ସାହୁ, କିରାଣୀ କୃଷ୍ଣ ଚନ୍ଦ୍ର ସାହୁ, ପ୍ରକାଶ ନାଏକ ଓ ରୋହିତ ବାରିକ ପ୍ରମୁଖ ମଞ୍ଚାସିନ ଥିଲେ। ବିଜୟୀ ସିଣ୍ଢୋଲ ଦଳକୁ ନଗଦ ପନ୍ଦର ହଜାର ଟଙ୍କା ଅର୍ଥ ରାଶି ସହିତ ଟ୍ରଫି ଓ ଉପବିଜେତା ରୁଗୁଡିପାଲି ଦଳକୁ ନଗଦ ଦଶ ହଜାର ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଅମ୍ପାୟାର ଭାବେ ସୁବଳ ସାହୁ ଓ ସୁରେନ୍ଦ୍ର ସାହୁ ରହିଥିବାବେଳେ ଧାରା ବିବରଣୀ ଜଗନ୍ନାଥ ନାଗ ଓ ସୁରେଶ କୁଅଁର ପ୍ରଦାନ କରିଥିଲେ। ସ୍କୋରର ଦାୟିତ୍ୱ କୀର୍ତ୍ତନ ସାହୁ ନିର୍ବାହ କରିଥିଲେ। ମ୍ୟାଚ୍‌ରେ କ୍ରିକେଟ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

## ହାଇଦ୍ରାବାଦରେ ବସ୍ ଦୁର୍ଘଟଣା: ୪ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ନୂଆପଡ଼ା/ସିନାପାଲି, ୧୧।୧(ସମିସ):** ତେଲଙ୍ଗାନାରେ ଶୁକ୍ରବାର ବସ୍ ଦୁର୍ଘଟଣା ଘଟି ୪ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସିନାପାଲିରୁ କିଛି ଶ୍ରମିକଙ୍କୁ ନେଇ ଏକ ବସ୍ ହାଇଦ୍ରାବାଦ ଯାଉଥିବା ବେଳେ ଇଲାପୁରମ୍‌ରେ ପାର୍କିଂ ହୋଇଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ ଜଣ ଆହାତ ହୋଇଥିଲେ।

## ଉଠା ଜଳସେଚନ ପଏଣ୍ଟକୁ ବିଦ୍ୟୁତ୍ ସଂଯୋଗ ଦାବି

- ଦାବି ପୂରଣ ନ ହେଲେ ଧାରଣା ଚେତାବନୀ

**ନୂଆପଡ଼ା, ୧୧।୧(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମାରୁ ମାତ୍ର ୩ କିମି ଦୂରବର୍ତ୍ତୀ ଗୋଡ଼ଫୁଲା ପଞ୍ଚାୟତ ହଂସପୁରୀ ଗାଁ ଅବସ୍ଥିତ। ଏହି ଗାଁରେ ୧୫ରୁ ଅଧିକ ଚାଷୀଙ୍କ ଜମିରେ ଗଭୀର ନଳକୂଅ ଖୋଳିବାର ବର୍ଷେ ବିତି ଯାଇଥିଲେ ହେଁ ଠିକାଦାରଙ୍କ ତରଫରୁ ବିଜୁଳୀ ସଂଯୋଗ ଦିଆଯାଉନାହିଁ। ଫଳରେ ଚାଷୀ ଜଳସେଚନ ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଗ୍ରାମର ୧୫ରୁ ଅଧିକ ଚାଷୀ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଦେଖା କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନି ବୋଲି ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସମସ୍ୟା ବାବଦରେ ଚାଷୀମାନେ ଗତ ବର୍ଷ ଜୁଲାଇ ୧୦ତାରିଖ ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦାବିପତ୍ର ଦେଇଥିଲେ। ତତ୍କାଳୀନ ଜିଲ୍ଲାପାଳ ଅଧିକାରୀଙ୍କୁ ତୁରନ୍ତ ଚାଷୀମାନଙ୍କୁ ନଳକୂପରେ ବିଦ୍ୟୁତ ସଂଯୋଗ କରିବାକୁ କହିଥିଲେ। ହେଲେ ବିଭାଗ ଓ ଠିକାଦାରଙ୍କ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ନଳକୂପରେ ବିଦ୍ୟୁତ ସଂଯୋଗ କରାଗଲା ନାହିଁ। ଯାହାଫଳରେ ପୁଣି ଚାଷୀମାନେ ଏକତ୍ର ହୋଇ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଯଦି ଏଥର ଚାଷୀମାନଙ୍କ ନଳକୂପରେ ବିଦ୍ୟୁତ ସଂଯୋଗ ନହେଲେ ଜିଲ୍ଲାପାଳ ଅଫିସ ଓ ଉଠାଜଳସେଚନ କାର୍ଯ୍ୟାଳୟ ଠାରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ହଂସପୁରୀ ଗ୍ରାମର ଦୟାଲାଲ ସାହୁ, ଦୀପକ ସାହୁ, ଖେମିନ ସାହୁ, ସୁଶୀଳ ସାହୁ, ନିରା ସାହୁ, କାନ୍ତିଲାଲ ସାହୁ, ଭୂଖନ ସାହୁ, ବେଣୁ ସାହୁ, ବେଦରାମ ସାହୁ, ଭେବବାଇ ସାହୁ, ୟାଦାରାମ ସାହୁ, ଟିମକ ସାହୁ ଓ ହୋମସିଂ ମାଝୀ ଗଭୀର ନଳକୂପ ଖନନ ପାଇଁ ନୂଆପଡ଼ା ଉଠାଜଳସେଚନ ବିଭାଗ ପାଖରୁ ୨୦୨୦-୨୧ମସିହାରେ ଆବଦେନକରି ୨୦ ହଜାର ଟଙ୍କା ଲେଖାଏଁ ଜମା କରିଥିଲେ। ୨୦୨୩ରେ ଚାଷୀମାନଙ୍କ ଜମିରେ ନଳକୂପ ଖନନ ହୋଇଥିଲା। ବିଦ୍ୟୁତଖୁଣ୍ଟ ମଧ୍ୟ ପୋତିବା ସହ ତାର ମଧ୍ୟ ଟଣାଯାଇଛି ହେଲେ ବିଦ୍ୟୁତ ସଂଯୋଗ ହୋଇନାହିଁ। ଏହାଉପରେ ଜିଲ୍ଲାପାଳ ହସ୍ତକ୍ଷେପ କରି ଚାଷୀଙ୍କ ସ୍ୱାର୍ଥ ସାଧନ କରିବାକୁ ଦାବି ହେଉଛି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

**ଥୁଆମୂଳ ରାମପୁର, ୧୧।୧(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୁଣପୁର-ରାୟଗଡ଼ା କାଶୀପୁର ମୁଖ୍ୟ ରାସ୍ତା ତଳ ଆମ୍ବପଦର ବଜାର ପଡ଼ିଆ ନିକଟରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏହାଫଳରେ ଘଟଣା ସ୍ଥଳରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ବାଇକ୍ ଚାଳକ ଜଣକ ହେଉଛନ୍ତି ଖାକେସ୍ ଗ୍ରାମର ରାଜୁ ମାଝୀ (୩୦) ଏବଂ ଗୁରୁତର ଆହତ ଜଣକ ହେଲେ ତଳ ଆମ୍ବପଦର ସିଗନି ପଡ଼ାର ଶିବ ମାଝୀ(୨୨)। ସ୍ଥାନୀୟ ସରପଞ୍ଚ ପ୍ରକାଶ ମାଝୀ, ଖାକେସ୍ ୱାର୍ଡସଭ୍ୟ ବରୁଣ ନାଏକ ଏବଂ ତଳ ଆମ୍ବପଦର ୱାର୍ଡସଭ୍ୟ କୁଞ୍ଜବିହାରୀ ଜାଲ୍ ଗୁରୁତର ଶିବଙ୍କୁ ଡାକ୍ତରଖାନା ପଠାଇବା ପାଇଁ ବ୍ୟବସ୍ଥା କରିଥିଲେ। ସୂଚନା ପାଇ କର୍ଲାପାଟ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲା।

## ଜିଲ୍ଲାସ୍ତରୀୟ ମିନି ମାରାଥନ୍

**କୋମନା, ୧୧।୧(ସମିସ):** ଜିଲ୍ଲା ଯୁବ କଂଗ୍ରେସ କମିଟି ପକ୍ଷରୁ ରବିବାର ସକାଳ ୯ଟାରେ ୧୦ମ ଜିଲ୍ଲାସ୍ତରୀୟ ମିନି ମାରାଥନ ଅନୁଷ୍ଠିତ ହେବ। ମାରାଥନଟି ଉଦ୍ୟାନବନ୍ଧ ଆମ୍ବେଦକର ଛକରୁ କୋମନା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ୮ କିମି ଦୌଡ଼ ହେବ ବୋଲି ଯୁବ ରାଜ୍ୟ କଂଗ୍ରେସ ସମ୍ପାଦକ ଶାହାରୁଖ ଖାନ ସୂଚନା ପ୍ରଦାନ କରିଛନ୍ତି। ପ୍ରଥମ ପୁରସ୍କାର ବାବଦକୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ମାନପତ୍ର, ଦ୍ୱିତୀୟ ପୁରସ୍କାର ୬ ହଜାର ଟଙ୍କା ସହ ଟ୍ରଫି ଓ ମାନପତ୍ର, ତୃତୀୟ ପୁରସ୍କାର ୪ ହଜାର ଟଙ୍କା ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯିବ। ସେହିଭଳି ୫ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ୫ ଶହଟଙ୍କା ସହ ଟ୍ରଫି ଓ ମାନପତ୍ର ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି କମିଟି ସ୍ଥିର କରିଛି।

## ବେଆଇନ ମଦ କାରବାରରେ ଜଣେ ଗିରଫ

**ମନମୁଣ୍ଡା, ୧୧।୧(ସମିସ):** ମନମୁଣ୍ଡା ପୁଲିସ ମାଳତୀଗୋଛାପଡ଼ା ଗ୍ରାମର ଜଣେ ବ୍ୟକ୍ତିକୁ ବେଆଇନ ମଦ କାରବାରରେ ଗିରଫ କରିଛି। ଅଭିଯୁକ୍ତ ହେଉଛି ସୁମନ୍ତ ସାହୁ। ସେ ବେଆଇନ ଭାବେ ବିଦେଶୀ ମଦ କାରବାର କରୁଥିବା ପୁଲିସ ଖବର ପାଇଥିଲା। ଚଢଉବେଳେ ତା' ନିକଟରୁ ୨୭ ବୋତଲ ବିଦେଶୀ ମଦ ଜବତ ହୋଇଛି।

! ନିଯୁକ୍ତି ! ! ନିଯୁକ୍ତି ! ! ନିଯୁକ୍ତି !




୧୦୮
EMRI GREEN HEALTH SERVICES
ନିଯୁକ୍ତି ସୁଯୋଗ
୧୦୮ ଆମ୍ବୁଲାନ୍ସ ସେବା
ଡ୍ରାଇଭର ଏବଂ ଇ.ଏମ୍.ଟି ଆବଶ୍ୟକ (କେବଳ ପୁରୁଷ)

| | ଡ୍ରାଇଭର୍ | ଜରୁରୀ ଡାକ୍ତରୀ ସହକର୍ମୀ (ଇ.ଏମ୍.ଟି) |
|---|---|---|
| ଯୋଗ୍ୟତା | ଡ୍ରାଇଭିଙ୍ଗ୍ ଲାଇସେନ୍ସ ଏଲ୍ଏମ୍‌ଭି (କମର୍ସିଆଲ) ଏବଂ ବ୍ୟାଜ୍ ଲାଇସେନ୍ସ, ୮ମ ପାସ୍ କିମ୍ବା ତଦୁର୍ଦ୍ଧ୍ୱ ହେବା ଦରକାର | ବି.ଫାର୍ମା/ଡି.ଫାର୍ମା/ ଜି.ଏନ୍.ଏମ୍/ ବି.ଏସ୍.ସି (ନର୍ସି) ଏବଂ +୨ ବିଜ୍ଞାନ (ଅନ୍ୟୁନ ୫୦% ମାର୍କ ଥିବା ଆବଶ୍ୟକ) |

ଇଚ୍ଛୁକ ପ୍ରାର୍ଥୀ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସାକ୍ଷାତକାର କରନ୍ତୁ।

| | |
|---|---|
| ଅଫିସ୍ ଠିକଣା | ୭ମ ମହଲା, ଇଡ୍‌କୋ ଟାୱାର, ସହିଦନଗର, ରୂପାଲି ଛକ ପାଖ, ଭୁବନେଶ୍ୱର, ଓଡ଼ିଶା |
| ଫୋନ୍ ନମ୍ବର | ୦୬୭୪-୬୧୭୫୨୦୦ |
| ତାରିଖ | ୨ ଜାନୁୟାରୀ ୨୦୨୫ ରୁ ୧୮ ଜାନୁୟାରୀ ୨୦୨୫ ପର୍ଯ୍ୟନ୍ତ |
| ସମୟ | ପୂର୍ବାହ୍ନ ୧୧ଟା ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ |

ଏହି ଚୟନ ପ୍ରକ୍ରିୟାରେ କୌଣସି ଏଜେନ୍ସିକୁ ନିୟୋଜିତ କରାଯାଇନାହିଁ। ଦଲାଲ ଓ ଏଜେଣ୍ଟଙ୍କ ପ୍ରତି ସାବଧାନ ରୁହନ୍ତୁ।

ସକାଳ
THE SAKALA



**କଣ୍ଟାବାଞ୍ଜି ଶିଶୁ ଉଦ୍ୟାନ ପେଭର ରୋଡ୍**

# କାମ ନ ସରିବା ପୂର୍ବରୁ ଭାଙ୍ଗିଗଲାଣି ରାସ୍ତା

**କଣ୍ଟାବାଞ୍ଜି, ୧୧ ।୧(ସମିସ)**

ସରକାର ସହରାଞ୍ଚଳ ବିଭିନ୍ନ ଉନ୍ନୟନମୂଳକ କାମ ପାଇଁ କୋଟି କୋଟି ଅନୁଦାନ ଦେଉଥିବା ବେଳେ ନିମ୍ନମାନର କାମ କରି ସରକାରୀ ଅନୁଦାନ ଆତ୍ମସାତ କରାଯାଉଥିବା ଅଭିଯୋଗ ଉଠିଛି । ଏଭଳି ଅଭିଯୋଗ କଣ୍ଟାବାଞ୍ଜି ଏନ୍‌ଏସିରୁ ଆସିଛି । ସୂଚନା ଅନୁସାରରେ ଗତ କିଛି ଦିନ ତଳେ କଣ୍ଟାବାଞ୍ଜି ଏନ୍‌ଏସି ପକ୍ଷରୁ ବିବେକାନନ୍ଦ ଛକ ଠାରୁ ଶିଶୁ ଉଦ୍ୟାନ ପର୍ଯ୍ୟନ୍ତ ପେଭର ରୋଡ ନିର୍ମାଣ କରାଯାଇଛି । ପ୍ରାୟ ଅଧା କିଲୋମିଟରେ ରାସ୍ତାରେ ୨୯ ଲକ୍ଷ ୨ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଦାହିତ୍ୱରେ ଠିକାଦାର କୁନାଲ ଶର୍ମା ରହିଛନ୍ତି । ନିର୍ମାଣ କାର୍ଯ୍ୟ ସୂଚନାଫଳକ ପାଇଁ ସରକାର ସ୍ୱତନ୍ତ୍ର ଅନୁଦାନ ଦେଉଥିବା ବେଳେ ସୂଚନା ଫଳକ ନ ଲଗାଇ ଏକ କାନ୍ଥରେ ସୂଚନା ଫଳକ ଲେଖା ହୋଇଛି । କିନ୍ତୁ କାମ ଶେଷ ହେବାକୁ ଥିବା ବେଳେ ସେଠାରେ କାର୍ଯ୍ୟର ଆରମ୍ଭ କିଶେଷ ତାରିଖ ଲେଖା ହୋଇନାହିଁ । ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତା ହୋଇଥିବା ଅଭିଯୋଗ ହେଉଛି । ନିମ୍ନମାନର ପେଭର ରୋଡ ରାସ୍ତା ନିର୍ମାଣ କରାଯାଇଛି କିନ୍ତୁ କାମ ଶେଷ ନ ହେବା ପୂର୍ବରୁ ରାସ୍ତାଭାଙ୍ଗିବା ଆରମ୍ଭ ହେଲାଣି । ନିମ୍ନମାନର କାମ ଯୋଗୁଁ ସିମେଣ୍ଟ ଖସିବାରେ ଲାଗିଛି ପୂର୍ବରୁ ଏହି ରାସ୍ତା କଂକ୍ରିଟ ହୋଇଥିବା ବେଳେ ତାହା ଭାଙ୍ଗିଯିବାରୁ ପେଭର ରୋଡ ନିର୍ମାଣ କରାଯାଇଛି । କିନ୍ତୁ ସରକାରୀ ନିୟମ ଅନୁଯାଏ ମୁଖ୍ୟ ରାସ୍ତାରେ ପେଭର ରୋଡ ନିର୍ମାଣ କରାଯାଏ ନାହିଁ । କେବଳ ରାସ୍ତାର ଦୁଇ ପାର୍ଶ୍ୱ କିମ୍ବା କୌଣସି ପଡ଼ାକୁ ଯାଉଥିବା ରାସ୍ତାରେ ପେଭର ରୋଡ ନିର୍ମାଣ କରାଯାଇଥାଏ । ହେଲେ କଣ୍ଟାବାଞ୍ଜି ଏନ୍‌ଏସିରେ କୌଣସ ନିୟମ ପାଳନ କରାଯାଉ ନାହିଁ । ମନଇଚ୍ଛା ଯେଉଁ ଠି ପାଇଲେ ସେଠି ଏନ୍‌ଏସି ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ସରକାରୀ ରାଜକୋଷ ଖର୍ଚ୍ଚ କରି ନିମ୍ନମାନର ପେଭର ରୋଡ ନିର୍ମାଣ କରି ସରକାରୀ ଅନୁଦାନ ଆତ୍ମସାତ କରାଯାଉ ଥିବା ଅଭିଯୋଗ ହେଉଛି ।

ସେପଟେ ସହରର ଅନେକ ପଡ଼ାରାସ୍ତା ଖରାପ ଥିବା ବେଳେ ପେଭର ରୋଡ ନିର୍ମାଣରେ କଣ୍ଟାବାଞ୍ଜି ଏନ୍‌ଏସି ପାତରଅନ୍ତର କରୁଥିବା ସହରବାସୀଙ୍କ ଅଭିଯୋଗ ହେଉଛି । ସହର ରାମନଗରପଡ଼ା ଭଳି ଅନେକ ପଡ଼ା ଅବହେଳିତ ରହିଛି କିନ୍ତୁ ଯେଉଁ ରାସ୍ତାରେ ଏନ୍‌ଏସି ପେଭର ରୋଡ ନିର୍ମାଣ କରିବା କଥା ସେହି ରାସ୍ତା ଛାଡି ଯେଉଁ ରାସ୍ତାରେ ପେଭର ରୋଡ ନିର୍ମାଣ ନ କରିଥିବା କଥା ସେହି ରାସ୍ତା ନିର୍ମାଣ କରି ନିମ୍ନମାନର କାମ କରି ସରକାରୀ ଅନୁଦାନ ଆତ୍ମସାତ କରାଯାଉଥିବା ଅଭିଯୋଗ ହେଉଛି । ଏନେଇ କଣ୍ଟାବାଞ୍ଜି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିରାଜ ଶଙ୍କର ମଲ୍ଲିକଙ୍କୁ ପଚାରିବାରୁ କେଉଁସ୍ଥାନରେ ରାସ୍ତା ଭାଙ୍ଗିଛି ମୁଁ ଦେଖୁଛି ବୋଲି କହିଛନ୍ତି । ସେହିପରି କଣ୍ଟାବାଞ୍ଜି ଏନ୍‌ଏସି ଏମେଇଙ୍କୁ ପଚାରିବାରୁ ଯେଉଁ ସ୍ଥାନ ଭାଙ୍ଗିଛି ତୁରନ୍ତ ତାହା ମରାମତି କରାଯିବ ବୋଲି କହିଛନ୍ତି । ନିମ୍ନମାନର ନିର୍ମାଣ କାର୍ଯ୍ୟ ଉପରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି ।

**ଅଧା କି.ମି ରାସ୍ତାରେ ୨୯ ଲକ୍ଷ ୨ ହଜାର ଟଙ୍କା ଖର୍ଚ୍ଚ**






**କେ.ଭି କଲେଜରେ ଜାତୀୟ ସମ୍ମାନ ଉଦ୍‌ଘାଟିତ**

# 'ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତା'

**କଣ୍ଟାବାଞ୍ଜି, ୧୧ ।୧(ସମିସ):** 'ଏକ ବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟରେ ସାମାଜିକ ପ୍ରତିବଦ୍ଧତାର ଚିତ୍ର ବ୍ୟାପକ। ଔପନ୍ୟାସିକ, ଗାଳ୍ପିକ ମାନେ ଏକାଧିକ ଏ ବିଷୟକୁ ନେଇ ଏକାଧିକ ଗଳ୍ପ ଓ ଉପନ୍ୟାସ ରଚନା କରିଛନ୍ତି ।ଶନିବାର କେ.ଭି ମହାବିଦ୍ୟାଳୟ କଣ୍ଟାବାଞ୍ଜିଠାରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଜାତୀୟ ସମ୍ମାନ ଆୟୋଜିତ ହୋଇଥିଲା ।କେନ୍ଦ୍ର ସାହିତ୍ୟ ଏକାଡେମୀ ପ୍ରାପ୍ତ ଗାଳ୍ପିକା ଗାୟତ୍ରୀ ସରାଫ ଉକ୍ତ ଦୁଇ ଦିବସୀୟ ସମ୍ମାନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମାନକୁ ଉଦ୍‌ଘାଟନ କରିଥିଲେ । ସାଗର ବିଶ୍ୱ ବିଦ୍ୟାଳୟ ମଧ୍ୟପ୍ରଦେଶର ହିରନ କୁମାର ଖାରି ମୁଖ୍ୟବକ୍ତା ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାପ୍ତ ସାହୁତ୍ୟିକ ଡ଼.ଗୋବର୍ଦ୍ଧନ ନାୟକ ସାହିତ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଅଧକ୍ଷ ଡ଼.ପଦ୍ମଲୋଚନ ବର୍ମା ସଭାପତିତ୍ୱ କରିଥିବା ବେଳେ, ଯୁକ୍ତ ଦୁଇ ଅଧକ୍ଷ ରାଜେଶ କୁମର ମହାନ୍ତି, ଅଧ୍ୟାପିକା ପ୍ରଭାସିନୀ ରାଉତରାୟ ପ୍ରମୁଖ ନିଜସ୍ୱ ମନ୍ତବ୍ୟ ରଖିଥିଲେ । ସମ୍ମାନ ଆବାହକ ଡ଼.ସଞ୍ଜୟ କୁମାର ମିଶ୍ର ସମ୍ମାନର ଉଦେଶ୍ୟ ଜ୍ଞାପନ କରିବା ସହ ଓଡ଼ିଆ ସାହିତ୍ୟରେ ତାର ପ୍ରତିଫଳନ କିପରି ହୋଉଛି ମତ ଦେଇଥିଲେ । ସମ୍ମାନର ପ୍ରଥମ ବୈଷୟିକ ଅଧିବେଶନରେ ସଭାମୁଖ୍ୟ ଭାବେ ଯୋଗ ଦେଇଥିଲେ ପ୍ରଫେସର ଲୋହିତାକ୍ଷ ଯୋଷୀ ।ଏହିଁ ଅଧିବେଶନର ବିଷୟବସ୍ତୁ ଥିଲା ଓଡ଼ିଆ ସାହିତ୍ୟରେ ଏକବିଂଶ ଶତାବ୍ଦୀରେ ସାମାଜିକ ପ୍ରତିବଦ୍ଧତା ।ଏଥିରେ କୋଲହାନ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ.ବାଳକୃଷ୍ଣ ବେହେରା, ଶାନ୍ତିନିକେତନ ବିଶ୍ୱ ବିଦ୍ୟାଳୟ ପଶ୍ଚିମବଙ୍ଗରୁ ଆସିଥିବା ଡ଼ ପ୍ରତ୍ୟାଶା ଧଳ, ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡୋଳାମଣି ମାଝୀ, କେ.ଭି କଲେଜ ଛାତ୍ରୀ ଶୁଭଶ୍ରୀ ବିଶ୍ୱାଳ ପ୍ରମୁଖ ପ୍ରବନ୍ଧ ଉପସ୍ଥାପିତ କରିଥିଲେ । ଦ୍ୱିତୀୟ ଅଧିବେଶନର ବିଷୟ ଥିଲା ଏକ ବିଂଶ ଶତାବ୍ଦୀରେ ଗଳ୍ପ ଓ ପ୍ରବନ୍ଧରେ ସାମାଜିକ ପ୍ରତିବଦ୍ଧତା । ପ୍ରଫେସର ଡ଼ ଶ୍ୟାମ ଭୋଇଙ୍କ ସଭାପତିତ୍ୱରେ ଏ ଅଧିବେଶନରେ ପ୍ରବନ୍ଧ ପାଠକରିଥିଲେ ବରଗଡ଼ରୁ ଡ଼.ଶେଷନ ବିଶି, ମାନିକେଶ୍ୱରୀ ବିଶ୍ୱବିଦ୍ୟାଳୟରୁ ଡ଼.ଦୋଳମଣୀଧରୁଆ, ଡ଼.ବିଶ୍ୱାନାଥ ସାହୁ ଏବଂ ଡ଼.ଜଗନ୍ନାଥ ସାହୁ ଏବଂ କେ ଭି କଲେଜ ଛାତ୍ରୀ ଧନମତୀ ମାହାର । ଉପନ୍ୟାସ ଓ ଗଳ୍ପ ସାହିତ୍ୟରେ ଆଦିବାସୀ ପ୍ରସଙ୍ଗ, ମାଟି ପ୍ରଶ୍ନଙ୍ଗ, ଦାଦନ ଶ୍ରମିକର ସମସ୍ୟା, ଅନୁବର୍ତନ ଶୈଳୀର ପ୍ରୟୋଗ, ସାମାଜିକ ପରିବର୍ତ୍ତନ, କିନ୍ନର, ମାନବେତର ଚରିତ୍ର, ବିସ୍ଥାପନ ଆଦି ପ୍ରସଙ୍ଗ ଉକ୍ତ ସମ୍ମାନରେ ବିଷଦ ଭାବେ ଆଲୋଚନା କରିଥିଲେ । ଡ଼.ସୁଶାନ୍ତ ମହାନନ୍ଦ, ସୁନିତା ଶବର, ଅନ୍ନପୂର୍ଣ୍ଣା ପଣ୍ଡା, ପ୍ରଦ୍ୟୁମ୍ନ କୁମାର ବାଗ, ଉର୍ମିଳା ସାହୁ, ସୂର୍ଯ୍ୟକାନ୍ତ ସାହୁ, ବବିତା ଦେବଦର୍ଶିନି, ଯଶୋବନ୍ତ ନାରାୟଣ ମିଶ୍ର, ରୋହିତ କିଶୋର କୁମ୍ବାର ପ୍ରମୁଖ ସମ୍ମାନ ଆୟୋଜନରେ ସହଯୋଗ କରିଥିଲେ । ଉକ୍ତ ସମ୍ମାନରେ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିବା ସହ ସମସ୍ତ ଆଲୋଚନରେ ସକ୍ରିୟ ଭାବେ ଭାଗ ନେଇଥିଲେ ।



# ଧାନମଣ୍ଡି ପରିଦର୍ଶନ କଲେ ପୂର୍ବତନ ବିଧାୟକ



**ମୁରିବାହାଲ, ୧୧ ।୧(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକର ବିଭିନ୍ନ ମଣ୍ଡିକୁ ଶନିବାର ଦିନ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ପରିଦର୍ଶନ କରିଛନ୍ତି । ମୁରିବାହାଲ ବ୍ଲକର ଲେବଡା, ବାଙ୍କେଲ, ତେନ୍ତୁଳୀଖୁଣ୍ଟି, ଓ ମାଲିସିରା ଧାନ ମଣ୍ଡିକୁ ପରିଦର୍ଶନ କରି ଶ୍ରୀ ସାଲୁଜା କଟ୍‌ନି ଛଟ୍‌ନି ଦେଖି କ୍ଷୋଭ ପ୍ରକାଶ କରିଛନ୍ତି । ମାଲିସିରା ମଣ୍ଡିରେ କୁଇଣ୍ଟାଲ ପ୍ରତି ୪ ରୁ ୫ କିଲୋ କାଟୁଥିବା ଚାଷୀ ଅଭିଯୋଗ କରିଥିଲେ । ଉକ୍ତ ମଣ୍ଡି ସମ୍ପାଦକଙ୍କୁ ଯୋଗାଯୋଗ କରିଥିଲେ ମଧ ପାକ୍ସ ସମ୍ପାଦକ ସାମ୍ନାକୁ ଆସିନଥିଲେ । ତୁରନ୍ତ ସମାଧାନ କରାଯିବ ବୋଲି ଶ୍ରୀ ସାଲୁଜା କହିଛନ୍ତି । ତାଙ୍କ ସହିତ କଂଗ୍ରେସ କର୍ମୀ ବେଣୁଧର ପଶାୟତ, ଜିତେନ୍ ହାତୀ, ହରିଶ ଚନ୍ଦ୍ର ସାହୁ, ଟଙ୍କଧର ସାହୁ, ପୂର୍ଣଚନ୍ଦ୍ର ପୁଟେଲ, ପାର୍ଥ ପ୍ରଧାନୀ, ଯଦୁ ତାଣ୍ଡି, ତେଜରାଜ ଲୁହା ଓ ଅନେକ କର୍ମୀ ଉପସ୍ଥିତ ଥିଲେ । ଯଦି ଅଞ୍ଚଳରେ କୌଣସି ମଣ୍ଡିରେ କୌଣସି ମଧ ଚାଷୀଙ୍କୁ ଅସୁବିଧା ହେଲା ତେବେ ତାଙ୍କୁ ସିଧାସଳଖ ଯୋଗାଯୋଗ କରନ୍ତୁ ସେ ତୁରନ୍ତ ପହଞ୍ଚି ସମସ୍ୟାର ସମାଧାନ କରିବେ ବୋଲି କହିଛନ୍ତି ।

# ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଲୋଇସିଂହା, ୧୧ ।୧(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ ପାଣି ଉର୍ଦ୍ଧ୍ୱଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲୋଇସିଂହା ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଯୋଗଦେଇ ଭିନ୍ନକ୍ଷମଙ୍କ ପାଇଁ ରହିଥିବା ସରକାରୀ ସହାୟତା ପ୍ରଦାନ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଲୋଇସିଂହା ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନ ଜିତ୍ ହୋତା, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ରମେଶ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ ସେଠ୍, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଶିବିରରେ ବ୍ଲକର ସମସ୍ତ ୨୦ ପଞ୍ଚାୟତର ଭିନ୍ନକ୍ଷମମାନେ ଉପସ୍ଥିତ ରହି ନୂତନ ଭିନ୍ନକ୍ଷମ କାର୍ଡ ଆବେଦନ, ଡାକ୍ତରଙ୍କ ସହ ପରାମର୍ଶ କରିବା ସହ ଭିନ୍ନକ୍ଷମ ଉପକରଣ ଗ୍ରହଣ କରିଥିଲେ ।ଏହି ଅବସରରେ ନିର୍ମାଣ ଶ୍ରମିକଙ୍କୁ ମଧ ସହାୟତା ପ୍ରଦାନ କରାଯାଇଥିଲା । ନିର୍ମାଣ ଶ୍ରମିକମାନଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା ଅଧିନରେ ଯୋଗ୍ୟ ନିର୍ମାଣ ଶ୍ରମିକଙ୍କୁ ସହାୟତା ଟଙ୍କା ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମରେ ମଧ ବ୍ଲକ ବିଭିନ୍ନ ପଞ୍ଚାୟତର ଯୋଗ୍ୟ ନିର୍ମାଣ ଶ୍ରମିକମାନେ ଉପସ୍ଥିତ ଥିଲେ ।

# ମା'ରଣେଶ୍ୱର ରାମଚଣ୍ଡି କ୍ରିକେଟ କପ୍ ଉଦ୍‌ଘାଟିତ



**ବଲାଙ୍ଗିର, ୧୧।୧(ସମିସ):** ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ହର୍ଡାଟାଲ ଗ୍ରାମ ସ୍ଥିତ ଧୋବା ଭୋଇ ହାଇସ୍କୁଲ ପଡ଼ିଆରେ ଚାରି ଦିବସୀୟ ମା'ରଣେଶ୍ୱର ରାମଚଣ୍ଡି କ୍ରିକେଟ କପ୍ ୨୦୨୫ ଉଦ୍‌ଘାଟିତ ହୋଇଯାଇଛି । ଯୁବନେତା ପ୍ରମୋଦ ପଟେଲ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିବା ବେଳେ ପ୍ରମୋଦ ବେହେରା ସମ୍ମାନିତ ଅତିଥି ଯୋଗ ଦେଇଥିଲେ । ଟୁର୍ଣ୍ଣାମେଣ୍ଟରେ ତଲିଉଡାର, ସରଗାଡ, ଖାରି, ବେହେରାବନ୍ଧ, ଚନ୍ଦନଭାଟି, କୁଟୁମଡୋଲା, ରାଣୀସାଗର, ବଡବନ୍ଧ, କାଦୋପଡ଼ା, ବୁରୋମୁଣ୍ଡା, ବବଜା, ସିନ୍ଦୁରବାହାଲ, ପଥରଖଣ୍ଡି, ଝାଙ୍କରପାଲି, ହର୍ଡାଟାଲ, ସଦେଇପାଲି ପ୍ରମୁଖ ୧୦ଟି ଦଳ ଅଂଶଗ୍ରହଣ କରିବେ । ଅପରାହ୍ନରେ ସରପଞ୍ଚ ବନୀତା ବାରିକ ଯୋଗଦେଇ ପ୍ରଥମ ଦିନ ବିଜେତା ଖେଳାଳୀଙ୍କୁ ପୁରସ୍କାର ଦେଇ ଉତ୍ସାହିତ କରିଥିଲେ । ଆୟୋଜନ କମିଟିର ସଂଗଠନ ଆଶୁତୋଷ ପଧାନ, ଟେକଧର ସା ଏବଂ ସମସ୍ତ ସଦସ୍ୟଙ୍କ ସହଯୋଗରେ ଟୁର୍ଣ୍ଣାମେଣ୍ଟ ଚାଲିଛି ।

**ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର**

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**ବଙ୍ଗୋମୁଣ୍ଡା, ୧୧ ।୧(ସମିସ):** ବଲାଙ୍ଗୀର ଜିଲ୍ଲା ସିନ୍ଦେଧକେଲା ଥାନା ଅନ୍ତର୍ଗତ ଚାନ୍ଦୋତରା ନିକଟରେ ଦୁର୍ଘଟଣାରେ ଜଣେ ମୃତ ଜଣେ ଗୁରୁତର ହୋଇଛି । ଶୁକ୍ରବାର ଜାମପଡ଼ା ଗ୍ରାମର ଫିଙ୍କୁ ଥପା (୨୫) ଓ ଖଇରଭାଡି ଗ୍ରାମର ଚନ୍ଦ୍ରଶେଖର ଟାହାଣୀ (୩୪)ଓଡି୨୬-୩୪୮୭ ନଂ ବାଇକ୍‌ରେ ଟିଟିଲାଗଡ଼ ବ୍ଲକ ଅର୍ନ୍ତଗତ ପଥର୍ଲା ଗ୍ରାମରୁ ସନ୍ଧ୍ୟାରେ ଘରକୁ ଫେରିବା ସମୟରେ କୌଣସି କାରଣରୁ ଚାନ୍ଦୋତରା ନିକଟରେ ସଡ଼କ ଦୁର୍ଘଟଣା ଘଟି ଫିଙ୍କୁ ଥପାଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ସିନ୍ଦେଧକେଲା ପୁଲିସ ଥାନା କେସ ନମ୍ବର ୬/୨୫ ରୁଜୁ କରି ଶବ ଜବତ କରିବାସହ ଶବ ବ୍ୟବଚ୍ଛେଦ ପରେ ଶନିବାର ପରିବାର ବର୍ଗଙ୍କୁ ମୃତ ଶରୀର ହସ୍ତାନ୍ତର କରିଥିଲେ । ପରିବାର ବର୍ଗ ଓ ଗ୍ରାମବାସୀ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଅତି ଶିଘ୍ର ଧରିବା ଓ କ୍ଷତିପୂରଣ ଦାବି କରି ଜାମ ଖୁଣ୍ଟା ଛକରେ ଭବାନୀପାଟଣା-ରାୟପୁର ୧୯ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲେ । ସିନ୍ଦେଧକେଲା ପୁଲିସ ପହଞ୍ଚି ବୁଝାସୁଝା କରିଥିଲେ, ପରେ ପ୍ରଶାସନ ତରଫରୁ ସିନ୍ଦେଧକେଲା ଆରଆଇ ଓ ଝରିଆଲ ଆରଆଇ, ରେଡକ୍ରସଫଣ୍ଡରୁ ୧୦ ହଜାର ଓ ସ୍ଥାନୀୟ ପଞ୍ଚାୟତ ତରଫରୁ ୩ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି ।



# ବେଲପଡ଼ା ବ୍ଲକ୍ ପ୍ରାଥମିକ ଶିକ୍ଷକ ନୂତନ କାର୍ଯ୍ୟକର୍ତ୍ତା ଚୟନ

**ବେଲପଡ଼ା, ୧୧ ।୧(ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ନୂତନ କାର୍ଯ୍ୟକର୍ତ୍ତା ଚୟନ ହୋଇଛନ୍ତି । ପୂର୍ବତନ ସଭାପତି ନରେଶ କୁମାର ସେଠଙ୍କ ଅଧକ୍ଷତାରେ ବେଲପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ୨୦୧୮ ବ୍ୟାଚର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ବେଲପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା । ସଭିପତି ଭାବେ ଦୁର୍ଯ୍ୟୋଧନ ଚିରାଗନ, ଉପ ସଭାପତି ଯୁଧିଷ୍ଠିର ବର୍ଗେ, ଚିନ୍ତାମଣୀ ପାଢ଼ୀ, ସମ୍ପାଦକ ଅଶୋକ କୁମାର ଛତ୍ରିଆ, ସହ ସମ୍ପାଦକ ବିଶ୍ୱନାଥ ପ୍ରଧାନ, ଖଗେଶ୍ୱର ହରପାଲ, କୋଷାଧକ୍ଷ ରଘୁନାଥ ପରୁଆ, ସହକୋଷାଧକ୍ଷ ଗୁରୁବାରୁ ଧରୁଆ, ଗଣମାଧମ ସଂଯୋଜକ ପ୍ରଭୁଦାସ କୁମାର, ବାସୁଦେବ କୁମାର, ପ୍ରମୋଦ କୁମାର, ସମୀକ୍ଷକ ବନଦେବ ପାଢ଼ୀ, ପରାମର୍ଶ ଦାତା ଦେବାନନ୍ଦ ମେହେର, ବୁଦ୍ଧୁ ବାଗ, ଯୁବରାଜ ବିଭାର, ଲୋହିତ ଗଡ଼ତିଆ, ଜନଜୀବନ ଖମାରୀ, ତୁଳାରାମ ମାଝୀ, ଜୟଦେବ ପାଣିଗ୍ରାହୀ, ସବ୍ୟସାଚୀ ବର୍ଗେ ଖଜେନ୍ଦ୍ର ପାତ୍ର, ଭୂବନ ଧରୁଆଙ୍କୁ ସମସ୍ତ ଶିକ୍ଷକ ଚୟନ କରିଥିଲେ । ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି କହ୍ନେଇ ଚରଣ ଠାକୁର ଓ ଜିଲ୍ଲା ସଂଯୋଜକ ଯଶୋବନ୍ତ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।



# ସୁକତେଲ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

**ବଲାଙ୍ଗିର, ୧୧।୧(ସମିସ):** ସୁକତେଲ ମହୋତ୍ସବ ଦ୍ୱିତୀୟ ଦିବସ ସନ୍ଧ୍ୟାରେ କଳାକାର ସମାବେଶ ହୋଇଥିଲା ବଲାଙ୍ଗିର ଜିଲ୍ଲାର ବହୁ କଳାକାର ଯୋଗଦେଇ କଳା ପରିବେଷଣ ସହ କଳାକାରଙ୍କ ବିଭିନ୍ନ ଅସୁବିଧା ଉପରେ ଆଲୋଚନା କରିଥିଲେ ।ସରକାରଙ୍କ ଯୋଜନା ସବୁ କଳାକାର ଯେମିତି ପାଇ ଲାଭାନ୍ୱିତ ହୋଇପାରିବେ ଏବଂ କଳା ସଂସ୍କୃତିର ବିକାଶ ହେବା ସହ କଳାକାରଙ୍କ ଆଗ୍ରହ ବୃଦ୍ଧି କରିବା ପାଇଁ ପ୍ରୟାସ କରିବାକୁ ଯୋଗ ଦେଇଥିବା ଅତିଥି ମତବ୍ୟକ୍ତ କରିଥିଲେ । ନ୍ୟାସନାଲ ସର୍ଭିସ ଫାଉଣ୍ଡେସନ ଓ ଓଡିଆ ଭାଷା ସହିତ୍ୟ ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଜଗତ ପାଲ ସେଠ ଫାଓ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ, ସମ୍ମାନିତ ଅତିଥି କେଶବଚନ୍ଦ୍ର ମିଶ୍ର ସମାଜ ସେବୀ ଓ ପରିବେଶବିତ୍, ରସରାଜ ଅଚ୍ୟୁତ ପୁରୋହିତ ବ୍ୟଙ୍ଗ କବି, ଏକଡା ଏକଡା ରାର କଣ୍ଠ ଶିଳ୍ପୀ ବ୍ୟାସଦେବ ପୁରୋହିତ ପ୍ରମୁଖ ମଞ୍ଚାସୀନ ଥିଲେ । ସଚ୍ଚିଦାନନ୍ଦ ସାହୁ ମଞ୍ଚ ପରିଚାଳନା କରିଥିଲେ, ସଭା ଶେଷରେ ବରିଷ୍ଠ ସଭ୍ୟ ବିକାଶ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ । ସୁକତେଲ ସମ୍ମାନ ଅଚ୍ୟୁତ ପୁରୋହିତ ଏବଂ କେଶବ ଚନ୍ଦ୍ର ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା । ଅସହାୟ ବ୍ୟକ୍ତିମାନଙ୍କୁ ଅତିଥିବୃନ୍ଦ କମ୍ବଳ ବଣ୍ଟନ କରିଥିଲେ । ପରେ ବରଗଡ଼ର କଳାଜୀବି ଅନୁଷ୍ଠାନ ଡାଲଖାଇ, ନୂଆଖାଇ ଓ ଏକଡା ଏକଡା ରା ଲୋକନୃତ୍ୟ ଓ ଲୋକ ଗୀତ ପରିବେଶଣ କରିଥିଲେ । ବିଶିଷ୍ଟ ଦଣ୍ଡ କଳାକାର ସାନନ୍ଦ ସିକା ରିନା କୁମ୍ଭାର, ସସ୍ମିତା ପଧାନଙ୍କ ଦ୍ୱାରା ଦଣ୍ଡ ନୃତ୍ୟ ପରିବେଷଣ କାରାଯାଇଥିଲା ଓ ଅନ୍ୟାନ୍ୟ ଦଳ ଅଂଶ ଗ୍ରହଣ କରିଥିଲେ । ବେଶ ଆକର୍ଷଣୀୟ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ । ସଭାପତି ବିଧୁଭୁଷଣ ସିଂଦେଓ ଉପଦେଷ୍ଟା ମଳୟ ଆନନ୍ଦ ତ୍ରିପାଠୀ, ଆବାହକ ଚିଙ୍କୁ ପ୍ରଧାନ, ହାଡିବନ୍ଧୁ ତ୍ରିପାଠୀ, ସଞ୍ଜୟ ତ୍ରିପାଠୀ, ସତ୍ୟନାରାୟଣ ଗହୀର, କଳା ସଂଗଠକ ଜୟକୃଷ୍ଣ ମିଶ୍ର ପ୍ରମୁଖ ସୁକତେଲ ଅବବାହିକା ବାନ୍ଧନଘୋର ରାମ ମନ୍ଦିର ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

**'ପ୍ରକୃତିର ବରଦାନ ରତ୍ନଗର୍ଭା ଗନ୍ଧମାର୍ଦ୍ଦନ ଆମର ଅସ୍ମିତା'ଶୀର୍ଷକ ଆଲୋଚନାଚକ୍ର**

# ଗନ୍ଧମାର୍ଦ୍ଦନର ସୁରକ୍ଷା ଓ ସମୃଦ୍ଧିକରଣ ପାଇଁ ଆଇନ କରାଯାଉ

**ବଲାଙ୍ଗିର, ୧୧ ।୧(ସମିସ)**

ଗନ୍ଧମାର୍ଦ୍ଦନ ପର୍ବତ ହେଉଛି କୋସଳାଞ୍ଚଳର ସ୍ୱାଭିମାନ ଓ ଅସ୍ମିତାର ପରିଚୟ । ୧୯ ହଜାର ହେକ୍ଟର ପରିମିତ ଜଙ୍ଗଲ ଉପରେ ବଲାଙ୍ଗୀର, ବରଗଡ଼ ଓ ନୂଆପଡ଼ା ଜିଲ୍ଲାର ସିଧାସଳଖ ନିର୍ଭରଶୀଳ । ହରିଶଙ୍କର ଓ ନୃସିଂହନାଥ ମନ୍ଦିର ଆମର ଧର୍ମୀୟ ଭାବନା ସହିତ ଜଡ଼ିତ । ଗନ୍ଧମାର୍ଦ୍ଦନରେ ଥିବା ଔଷଧିୟ ବୃକ୍ଷ, ଗୁଳ୍ମଲତା ଓ ପରିବେଶର ସୁରକ୍ଷା କରିବାକୁ ସରକାର ଏକ ସ୍ୱତନ୍ତ୍ର ଆଇନ ଆଣନ୍ତୁ । ଗନ୍ଧମାର୍ଦ୍ଦନର ସୁରକ୍ଷା ଓ ସମୃଦ୍ଧିକରଣ ପାଇଁ ସ୍ୱତନ୍ତ୍ର ଆଇନ ପାସ କରାଯାଉ ବୋଲି ଶନିବାର ବଲାଙ୍ଗିର ଯାଦବ ଭବନ ଠାରେ ଖପ୍ରାଖୋଲର ଜିନ୍ଦାବାଦ ସଂଗଠନ ପକ୍ଷରୁ ଆୟୋଜିତ'ପ୍ରକୃତିର ବରଦାନ ରତ୍ନଗର୍ଭା ଗନ୍ଧମାର୍ଦ୍ଦନ ଆମର ଅସ୍ମିତା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଆଲୋଚକ ଭାବରେ ଯୋଗଦେଇ ବରିଷ୍ଠ ଆଇନଜୀବୀ ତଥା କୋସଲବାଦୀ ନେତା ପ୍ରମୋଦ କୁମାର ମିଶ୍ର ମତବ୍ୟକ୍ତ କରିଛନ୍ତି । ଜିନ୍ଦାବାଦ ସଂଗଠନର ସଭାପତି ତ୍ରୀଲୋଚନ ପୁଞ୍ଜିଙ୍କ ସଂଯୋଜନା ଓ ବିଶିଷ୍ଟ ସୂଚନାଅଧିକାର କର୍ମି ହେମନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଆଲୋଚକ ଭାବରେ ଆଇନଜୀବୀ ପ୍ରମୋଦ ମିଶ୍ର, ନାରୀନେତ୍ରୀ ଦମୟନ୍ତି କୁମୁରା, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ବୀରେନ୍ଦ୍ର ଝାଙ୍କର ଯୋଗଦେଇଥିଲେ । ତ୍ରେତୟା ଯୁଗରୁ ରହିଆସିଥିବା ଐତିହ୍ୟଭରା ଗନ୍ଧମାର୍ଦ୍ଦନ ପର୍ବତରେ ହନୁମାନଙ୍କ ସ୍ମୃତିକୁ ନେଇ ବିଶ୍ୱର ସବୁଠୁ ପ୍ରସିଦ୍ଧ ହନୁମାନ ମନ୍ଦିର ସ୍ଥାପନ କରାଯାଉ ବୋଲି ଦାବି କରିଛନ୍ତି । ଅନ୍ୟପକ୍ଷରେ ଆଦାନୀ କମ୍ପାନୀ ଆସି ଗନ୍ଧମାର୍ଦ୍ଦନ ପାଦଦେଶରେ ଜମି କିଣୁଥିବା ବେଳେ ଜନସାଧାରଣରେ ଗନ୍ଧମାର୍ଦ୍ଦନରେ ଖଣି ଖନନ ନେଇ ସନ୍ଦେହ ବଢୁଛି । ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଆଦାନୀର ଜମିକିଣାକୁ ନେଇ ସନ୍ଦେହ ବ୍ୟକ୍ତ କରିବା ସହିତ ସରକାର ସବୁଠି କେତେକ ସପକ୍ଷବାଦୀ ସୃଷ୍ଟି କରି ଆନ୍ଦୋଳନଗୁଡିକୁ ଦବାଇ ଦେବାକୁ ଅପଚେଷ୍ଟା କରୁଛନ୍ତି । ଗନ୍ଧମାର୍ଦ୍ଦନରେ ଜୈବବିଭିଦତାକୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ସହିତ ଏଠାରେ ଆମର ଐତିହ୍ୟସ୍ୱରୂପ ଆୟୁର୍ବେଦ ଗବେଷଣା କେନ୍ଦ୍ର ସ୍ଥାପନ କରି ତାକୁ ବୌଦ୍ଧ ଦାର୍ଶନିକ ନାଗାର୍ଜୁନଙ୍କ ନାମରେ ନାମିତ କରିବାକୁ ଦାବି କରିଛନ୍ତି । ସାମ୍ବାଦିକ ବୀରେନ୍ଦ୍ର ଝାଙ୍କର ଆଜି ପର୍ଯ୍ୟନ୍ତ ଯେତେ ଆନ୍ଦୋଳନ ହୋଇଛି ସବୁଠି ଆଦିବାସୀମାନେ ସମ୍ମୁଖରେ ରହି ଗୁଳିଖାଇଛନ୍ତି । କେବଳ ଆଦିବାସୀମାନେ ନୁହେଁ ତାଙ୍କ ସହିତ ଅନ୍ୟମାନେ ବାହାରି ମିଳିତ ଭାବରେ ସଂଗ୍ରାମ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଆଦିବାସୀନେତ୍ରୀ ଦମୟନ୍ତି କୁମୁରା ଓ ମୟ ପଧାନୀ ଆଦିବାସୀମାନେ ସବୁବେଳେ ଗନ୍ଧମାର୍ଦ୍ଦନର ସୁରକ୍ଷା କରିଆସିଛନ୍ତି ଓ ଆଗକୁ ମଧ କରିବେ ବୋଲି କହିଛନ୍ତି । ସଭାପତିତ୍ୱ କରୁଥିବା ବିଶିଷ୍ଟ ସୂଚନା ଅଧିକାରକର୍ମି ହେମନ୍ତ ପଣ୍ଡା ବଲାଙ୍ଗିର ଜିଲ୍ଲାରେ ବନୀକରଣ ପାଇଁ କାମ୍ପା ଯୋଜନାରୁ ଆସୁଥିବା କୋଟି କୋଟି ଟଙ୍କା ଖର୍ଚ୍ଚ ନହୋଇ ଫେରିଯାଉଥିବା ବେଳେ ଏକ ଘରୋଇ କମ୍ପାନୀକୁ ଗନ୍ଧମାର୍ଦ୍ଦନ ପର୍ବତର ଜଙ୍ଗଲ ଅଞ୍ଚଳରେ ବନୀକରଣ ପାଇଁ ଡାକିଆଣିବାର ରହସ୍ୟ ସନ୍ଦେହ ଜନକ ବୋଲି କହିଥିଲେ । ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ଖପ୍ରାଖୋଲ ବ୍ଲକର ପ୍ରତ୍ୟେକ ପଞ୍ଚାୟତ ଓ ପଞ୍ଚାୟତ ସମିତିରେ ଗନ୍ଧମାର୍ଦ୍ଦନରେ କେବେ ମଧ ଖଣି ଖନନକୁ ସୁଯୋଗ ଦିଆଯିବ ନାହିଁ ବୋଲି ପ୍ରସ୍ତାବ ପାରିତ କରି ସରକାରଙ୍କୁ ପଠାଇବାକୁ କହିଥିଲେ ।ସେହିପରି ଜିଲ୍ଲାସ୍ତରରେ ଜିଲ୍ଲାପରିଷଦରେ ସର୍ବଦଳିୟ ଓ ସର୍ବସମ୍ମତିରେ ପ୍ରସ୍ତାବ ପାରିତ କରାଯାଉ ବୋଲି କହିଛନ୍ତି । ଆଇନଜୀବୀ ଭବାନୀଶଙ୍କର ଶତପଥି ତାଙ୍କ ବକ୍ତବ୍ୟରେ ଗନ୍ଧମାର୍ଦ୍ଦନର ସୁରକ୍ଷା ନିତାନ୍ତ ଜରୁରି, ରାଜ୍ୟସରକାର ଗନ୍ଧମାର୍ଦ୍ଦନର ସଂରକ୍ଷଣ ପାଇଁ କଣ ପଦକ୍ଷେପ ନେଉଛନ୍ତି ଏକ ସବୁଜପତ୍ର ଘୋଷଣା କରନ୍ତୁ ବୋଲି କହିଛନ୍ତି ।ଅଧ୍ୟାପକ ଡ.କୌତୁକ ପନ୍ଦର ଓ ଏଆଇଡିଏସଓର ମାନସ ବେହେରା ନିଜସ୍ୱ ମତ ରଖିଥିଲେ । ଜିନ୍ଦାବାଦ ସଂଗଠନର ତ୍ରୀଲୋଚନ ପୁଞ୍ଜି ଗନ୍ଧମାର୍ଦ୍ଦନ ଆନ୍ଦୋଳନର ଆବଶ୍ୟକତା ଉପରେ ବକ୍ତବ୍ୟ ଦେଇ ଆଗାମୀଦିନରେ ଜିଲ୍ଲାର ସ୍କୁଲ, କଲେଜଗୁଡିକର ଛାତ୍ରଛାତ୍ରୀଙ୍କୁ ନେଇ ସମ୍ମାନ କରାଯିବାକୁ କହିଛନ୍ତି । ଲୋୟରସୁକତେଲ ଆନ୍ଦୋଳନର ସତ୍ୟ ବନଛୋର ସ୍ୱାଗତ ଭାଷଣ ଅତିଥି ପରିଚୟ ଦେଇଥିବା ବେଳେ ସାମ୍ବାଦିକ ଯୁଧିଷ୍ଠିର ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଆଲୋଚନାଚକ୍ରରେ ବଲାଙ୍ଗିର ସହରର ଗୋପଭୂଷଣ ନାଥ, ମନୋରଞ୍ଜନ ମିଶ୍ର, ଅରୁଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, କାଳିନ୍ଦ୍ରୀ ମାଝୀ, ନୀଳମଣି ଯୋଷୀ ପ୍ରମୁଖଙ୍କ ସହ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ ।ସଭା ପ୍ରାରମ୍ଭରେ ଏଆଇଡିଏସଓର ମଧୁସୂଦନ ବାଗ ଗନ୍ଧମାର୍ଦ୍ଦନକୁ ନେଇ ଏକ ଗୀତ ଗାଇ ଶୁଣାଇଥିଲେ ।



